# Akashvani, Sambalpur

## SAMBALPURI NEWS EVENING BULLETIN

## 6 November 2024- 7.02 pm- 7.12 pm.

******************************************

୧- କେନ୍ଦ୍ର ସର୍‌କାର୍‌ଙ୍କର୍ ତର୍‌ଫୁ ମେଧାବୀ ଛାତ୍ରଛାତ୍ରୀମାନ୍‌କୁ ଉଚ୍ଚଶିକ୍ଷା ଲାଗି ଆର୍ଥିକ୍ ସାହାଜ୍ ଦେବାର୍‌କେ ମୁଲ୍ ହେଲା ପି.ଏମ୍. ବିଦ୍ୟାଲକ୍ଷ୍ମୀ ଯୋଜ୍‌ନା ।

- ଇ ବାବଦ୍ ପ୍ରସ୍ତାବ୍‌କେ ମିଲ୍‌ଲା କେନ୍ଦ୍ର କେବିନେଟ୍‌ର ମଞ୍ଜୁରୀ ।

୨- ରାଏଜେ ଖୋବ୍ ଜଲ୍‌ଦି ମୁଲ୍ ହେବା ମୁଖ୍ୟମନ୍ତ୍ରୀ କାମଧେନୁ ଆର୍ ମୁଖ୍ୟମନ୍ତ୍ରୀ ପ୍ରାଣୀ କଲ୍ୟାଣ୍ ଯୋଜ୍‌ନା- କହେଲେ ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ।

୩- ଭୁବ୍‌ନେଶ୍ୱର୍ ନ ମେଟ୍ରୋ ରେଲ୍ ପ୍ରକଳ୍ପର୍ କାମ୍ ୨୦୨୭ ମସିହାତକ୍ ସର୍‌ବା ।

୪- ରାଜ୍ୟର୍ ସହର୍ ଭିତ୍‌ରେ ଚାଲୁଥିବା ମୋ ବସ୍ ୪୦ କିଲୋମିଟର୍‌ନୁ ଅଏତ୍‌କା ସ୍ପିଡ୍‌ଥି ନାଇଁ ଚାଲେ- କହେଲେ ନଗର୍ ଉନ୍ନୟନ୍ ମନ୍ତ୍ରୀ ।

ଆଉର୍

୫- ଆଏବା ମାସ ୧୫ ତାରିଖ୍ ଦିନ ହେବା ଓଡ଼ିଶା ସିଭିଲ୍ ସର୍ଭିସ୍ ପ୍ରିଲିମିନାରୀ ପରୀକ୍ଷା ।

ପ୍ରଧାନ୍‌ମନ୍ତ୍ରୀ ବିଦ୍ୟାଲକ୍ଷ୍ମୀ ଯୋଜ୍‌ନା ଏନ୍‌ଏସ୍‌ଡି

କେନ୍ଦ୍ର ସର୍‌କାର୍ ମେଧାବୀ ଛାତ୍ରଛାତ୍ରୀମାନ୍‌କୁ ଉଚ୍ଚଶିକ୍ଷାଥି ଆର୍ଥିକ ସାହାଜ୍ କର୍‌ବାର୍ ଲାଗି 'ପ୍ରଧାନ୍‌ମନ୍ତ୍ରୀ ବିଦ୍ୟାଲକ୍ଷ୍ମୀ ଯୋଜ୍‌ନା' ମୁଲ୍ କରିଛନ୍ । ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କର୍ ଅଧ୍ୟକ୍ଷତାଥି ଆଏଜ୍ ହେଇଥିବା କେବିନେଟ୍ ବୈଠକ୍‌ଥି ଇ ବାବଦ୍ ପ୍ରସ୍ତାବ୍‌କେ ମଞ୍ଜୁରୀ ମିଲିଛେ । ଇ ବାବ୍‌ଦେ ଅଏତ୍‌କା ସୂଚ୍‌ନା ଦେଇକରି କେନ୍ଦ୍ର ସୂଚନା ଆଉ ପ୍ରସାରଣ୍ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ୍ କହିଛନ୍ ଯେ, ଇ ଯୋଜ୍‌ନା ଅଧୀନ୍‌ଥି ଉଚ୍ଚଶିକ୍ଷା ଲାଗି ବିନା ବନ୍ଧକ୍ ଆଉ ଗେରେଂଟିଥି ଛାତ୍ରଛାତ୍ରୀମାନେ ରଣ ପାଇପାର୍‌ବେ । ୭ ଲାଖ୍ ୫୦ ହଜାର୍ ଟଙ୍କାତକ୍ ରଣ ଉପ୍‌ରେ ସର୍‌କାର୍ ବେଙ୍କ୍ ମାନ୍‌କର୍ ଲାଗି ୭୫ ପ୍ରତିଶତ୍ ଗେରେଂଟି ଦେବେ । ଦେଶର୍ ୮ ଶହ ୬୦ ଟା ମାନ୍ୟତା ପ୍ରାପ୍ତ ଉଚ୍ଚଶିକ୍ଷାନୁଷ୍ଠାନ୍ ମାନ୍‌କେ ପଢ଼୍‌ବାର୍ ଲାଗି ଇ ରଣ ଦିଆଯିବା । ଇଥି ଫି' ବଛର୍ ୨୨ ଲାଖ୍‌ନୁ ଅଏତ୍‌କା ଛାତ୍ରଛାତ୍ରୀ ଲାଭ୍ ପାଏବେ । ଇ ଯୋଜ୍‌ନା ଲାଗି ସର୍‌କାର୍ ୩ ହଜାର୍ ୬ ଶହ କୋଟି ଟଙ୍କା ଖର୍ଚ୍ଚା କର୍‌ବେ । ଟଙ୍କା ଲାଗି ଯେନ୍ତା କେନ୍‌ସି ଛାତ୍ରଛାତ୍ରୀ ଉଚ୍ଚଶିକ୍ଷାନୁ ବଂଚିତ ନାଇଁ ହେବେ ସେଥିର୍‌ଲାଗି

ଇ ଯୋଜ୍ନା କରାଯାଇଛେ ବଲି କେନ୍ଦ୍ରମନ୍ତ୍ରୀ ଶ୍ରୀ ବୈଷ୍ଣବ୍ କହିଛନ୍ । ଇ ଯୋଜ୍ନା ଅଧୀନ୍‌ଥି ରଣ ପାଏବାର୍ ଲାଗି ଛାତ୍ରଛାତ୍ରୀମାନେ ପି.ଏମ୍. ବିଦ୍ୟାଲକ୍ଷ୍ମୀ ପୋର୍ଟାଲ୍‌ଥି ଆବେଦନ୍ କରିପାର୍‌ବେ ।

ପି.ଏମ୍. ବିଦ୍ୟାଲକ୍ଷ୍ମୀ ଯୋଜ୍ନା-କେନ୍ଦ୍ର ଶିକ୍ଷାମନ୍ତ୍ରୀ  ଏନ୍‌ଏସ୍‌ଡି

ପି.ଏମ୍. ବିଦ୍ୟାଲକ୍ଷ୍ମୀ ଯୋଜ୍ନା ଛାତ୍ରଛାତ୍ରୀମାନ୍‌କର୍ ଉଚ୍ଚଶିକ୍ଷା ସପନ୍‌କେ ପୁରା କର୍‌ବା ଆଉ ପାଠ୍ ପଢ୍‌ବାର୍ ଲାଗି ଦେଖାଦେଉଥିବା ଆର୍ଥିକ୍ ସଙ୍କଟ୍‌କେ ଦୂର୍ କର୍‌ବା ବଲି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ୍ କହିଛନ୍ । ସାମାଜିକ୍ ଗଣମାଧ୍ୟମ୍‌ଥି ପୋଷ୍ଟ୍ କରିକରି ସେ କହିଛନ୍ ଯେ, ବିନା ବନ୍ଧକ୍ ଆର୍ ବିନା ଗେରେଂଟିଥି ଦେବାର୍‌କେ ଥିବା ଇ ଶିକ୍ଷା ରଣ ମେଧାବୀ ଛାତ୍ରଛାତ୍ରୀମାନ୍‌କର୍ ଉଚ୍ଚଶିକ୍ଷା ପାଏବାର୍‌ଥି ସାହାଜ୍ କର୍‌ବା । ସେ ଆହୁରି କହିଛନ୍ ଯେ, ଇ ଯୋଜ୍ନା ଲାଗି କେନ୍‌ସି ଛାତ୍ରଛାତ୍ରୀ ଉଚ୍ଚଶିକ୍ଷା ନେବାର୍‌କେ ଆର୍ଥିକ୍ ସଙ୍କଟ୍‌ର ସମ୍ମୁଖୀନ୍ ନାଇଁ ହୁଅନ୍ ।

ମୁଖ୍ୟମନ୍ତ୍ରୀ ପ୍ରାଣୀ କଲ୍ୟାଣ୍ ଯୋଜ୍ନା            ଆର୍‌ଏନ୍‌ୟୁ/

ରାଏଜେ ଦୁଗ୍ଧ ଉତ୍ପାଦନ ବଢ଼ାବାର୍‌କେ ମୁଖ୍ୟମନ୍ତ୍ରୀ କାମଧେନୁ ଯୋଜ୍‌ନା ଆଉ ପ୍ରାଣୀ ମଙ୍ଗଳ କାର୍ଯ୍ୟକ୍ରମ୍ ଲାଗି ମୁଖ୍ୟମନ୍ତ୍ରୀ ପ୍ରାଣୀ କଲ୍ୟାଣ୍ ଯୋଜ୍‌ନା ଖୋବ୍ ଜଲ୍‌ଦି ମୁଲ୍ ହେବା ବଲି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ କହିଛନ୍ । ଭୁବ୍‌ନେଶ୍ୱର୍‌ନ ଆଏଜ୍ ହେଇଥିବା ଓଡ଼ିଶା ରାଜ୍ୟ ଅଣ ଗେଜେଟେଡ୍ ପ୍ରାଣୀ ଚିକିତ୍ସା ବୈଷୟିକ ସଂଘର ୨୩ ତମ ସାଧାରଣ ଅଧୀବେଶନ୍‌ଥି ଯୋଗ୍ ଦେଇକରି ମୁଖ୍ୟମନ୍ତ୍ରୀ କହିଛନ୍ ଯେ, ରାଜ୍ୟର୍ ଅଏତ୍‌କା ଚାଷୀ କ୍ଷୁଦ୍ର, ମଧ୍ୟମ ଆର୍ ଭୂମିହୀନ୍ ବର୍ଗର୍ ଆନ୍ । ଚାଷୀମାନ୍‌କର୍ ରୋଜ୍‌ଗାର୍ ବଢ଼ାବାର୍ ଲାଗି ପଶୁପାଲନ୍ ସବୁଠାନୁ ବଡ଼ ମାଧ୍ୟମ୍ ଆଏ । ଚାଷ୍ କାମ୍ ସହେତେ ଗାଇ, ଛେଲି, ମେଣ୍ଢା ଆର୍ ମାଛ୍ ଚାଷ୍ ବାଗିର୍ କାମ୍‌ଥି ଚାଷୀମାନେ ଜୁଡ଼ି ରହେଲେ ସ୍ୱାବଲମ୍ବୀ ହେଇପାର୍‌ବେ ବଲି ମୁଖ୍ୟମନ୍ତ୍ରୀ କହିଛନ୍ । ସେ ଆହୁରି କହିଛନ୍ ଯେ, ରାଜ୍ୟ ସର୍‌କାର୍‌ଙ୍କର୍  ତର୍‌ଫୁ ପ୍ରାଣୀ ପାଲନ୍ ଉଦ୍ୟୋଗ୍ ଥାପ୍‌ନା ଲାଗି ବହୁତ୍‌ଟେ ସାହାଜ୍ ଆଉ ରିହାତିର୍ ବ୍ୟବସ୍ଥା କରାଯାଇଛେ । ଇ ସବୁ ଯୋଜ୍‌ନା ଠିକ୍ ଭାବେ କାର୍ଯ୍ୟକାରୀ ହେଲେ । ସାଧାରଣ୍ ଲୋକ୍ ଆର୍ ଯୁବବର୍ଗ ଚାଷ୍ କାମ୍ ଆଡ଼େ ଅଏତ୍‌କା ଆକର୍ଷିତ୍ ହେବେ । ପ୍ରାଣୀ ସମ୍ପଦ୍‌ର ବିକାଶ୍ ଲାଗି ଇ ବଛର୍ ବଜେଟ୍‌ଥି ୬ ଶହ ୯୭ କୋଟି ଟଙ୍କାର୍ ବ୍ୟୟ ଅଟକଳ ରଖାଯାଇଛେ ବଲି ମୁଖ୍ୟମନ୍ତ୍ରୀ କହିଛନ୍ ।  ଇ କାର୍ଯ୍ୟକ୍ରମ୍‌ଥି ରାଜ୍ୟର୍ ଭିନ୍ ଭିନ୍ ଜିଲ୍ଲାନୁ ଆସିଥିବା ୪ ଝନ୍ ସଫଲ୍ ଚାଷୀଙ୍କୁ ମୁଖ୍ୟମନ୍ତ୍ରୀ ସମ୍ମାନିତ୍ କରିଥିଲେ ।

ମେଟ୍ରୋ ପ୍ରକଳ୍ପ       ଭୁବ୍‌ନେଶ୍ୱର ସମ୍ବାଦଦାତା

ଭୁବ୍‌ନେଶ୍ୱର୍ ନ ମେଟ୍ରୋ ରେଲ୍ ପ୍ରକଳ୍ପର୍ କାମ୍ ୨୦୨୭ ମସିହାତକ୍ ସର୍‌ବା ବଲି ଭୁବ୍‌ନେଶ୍ୱର୍ ମେଟ୍ରୋ ରେଲ୍ ପ୍ରକଳ୍ପର କର୍ତ୍ତୃପକ୍ଷଙ୍କର୍ ତର୍‌ଫୁ ସୂଚ୍‌ନା ଦିଆଯାଇଛେ । ଇ ମେଟ୍ରୋ ଟ୍ରେନ୍ ୧୩ ମିଟର୍ ଉପ୍‌ରେ ଚଲାଚଲ୍ କର୍‌ବା । ହେଲେ ରାଜମହଲ୍, ଜୟଦେବ୍ ବିହାର୍ ଓଭର୍‌ବ୍ରିଜ୍  ଆର୍ ବାରଙ୍ଗ ରେଲ୍‌ଲାଇନ୍ ଉପ୍‌ରେ ଇତାର୍ ଉଚା ଅଏତ୍‌କା ରହେବା । ମେଟ୍ରୋ ଟ୍ରେନ୍ ଫିଁ ୧୦ ମିନିଟ୍ ବ୍ୟବଧାନ୍‌ଥି ଚଲାଚଲ୍ କର୍‌ବା ।

ଇ ବାବ୍‌ଦେ ମେଟ୍ରୋ ପ୍ରକଳ୍ପ କର୍ତ୍ତୃପକ୍ଷ ଅଏତ୍‌କା ସୂଚ୍‌ନା ଦେଇକରି କହିଛନ୍ ଯେ, ୩ ଟା କୋଚ୍ ଥିବା ୧୩ ଟା ମେଟ୍ରୋ ଟ୍ରେନ୍ ଘିନ୍‌ବାର୍ ଯୋଜ୍‌ନା କରାଯାଇଛେ । ଏଛେନ୍ ମେଟ୍ରୋ ପ୍ରକଳ୍ପ ଲାଗି ମାଟି ପରୀକ୍ଷା ଚାଲିଛେ ଆଉ ଭିନ୍ ଭିନ୍ ଜାଗା ନ ୫୦ - ୬୦ ମିଟର୍ ତଲୁ ମାଟି ନେଇକରି ନୂଆଦିଲ୍ଲୀ ଆର୍ କଟକ୍ ଲବୋରୋଟୋରି ନ ମାଟି ପରୀକ୍ଷା କରାଯାଉଛେ ।

ଉପମୁଖ୍ୟମନ୍ତ୍ରୀ ଲଣ୍ଡନ୍ ଗସ୍ତ          ଆର୍‌ଏନ୍‌ୟୁ/ କଟକ୍

ପୁର୍‌ଥିର୍ ପର୍ଯ୍ୟଟନ୍ ମାନଚିତ୍ରଥି ଓଡ଼ିଶାର୍ ଗୁଟେ ସ୍ୱତନ୍ତ୍ର ସ୍ଥାନ ରହିଛେ ବଲି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା କହିଛନ୍ । ଲଣ୍ଡନ୍ ର ଏକ୍ସେଲ୍ ସେଂଟର୍ ନ ହେଇଥିବା ୱାର୍ଲ୍ଡ ଟୁରିଜମ୍ ମାର୍କେଟ୍ - ୨୦୨୪ଥି ଓଡ଼ିଶାର୍ ପେଭିଲୟନ୍‌କେ ଉଦ୍‌ଘାଟନ୍ କରିକରି ଶ୍ରୀମତୀ ପରିଡ଼ା କହିଛନ୍ ଯେ, ଓଡ଼ିଶାର୍ ସାଂସ୍କୃତିକ ଐତିହ୍ୟ, ପ୍ରାକୃତିକ ସୌନ୍ଦର୍ଯ୍ୟ ଆର୍ ସମୃଦ୍ଧ ପରମ୍ପରା ସବୁ ପର୍ଯ୍ୟଟକ୍‌ମାନ୍‌କୁ ଆକୃଷ୍ଟ କର୍‌ସି । ଓଡ଼ିଶା ପର୍ଯ୍ୟଟନ୍‌ର ବିକାଶ୍ ଲାଗି ଶ୍ରୀମତୀ ପରିଡ଼ାଙ୍କର୍ ନେତୃତ୍ୱଥି ଲଣ୍ଡନ୍ ଗସ୍ତ କରିଥିବା ଉଚ୍ଚସ୍ତରୀୟ ପ୍ରତିନିଧି ଦଲ୍ ବ୍ରିଟେନ୍‌ର ପ୍ରମୁଖ ନିବେଶକ ଅଂଶିଦାର୍ ଆର୍ ଉଦ୍ୟୋଗୀମାନ୍‌କର୍ ସାଙ୍ଗେ ଆଲୋଚନା କରିଛନ୍ । କାର୍ଯ୍ୟକ୍ରମ୍‌ଥି ବ୍ରିଟେନ୍‌ର ଭାରତୀୟ ହାଇକମିଶନର୍ ବିକ୍ରମ୍ ଦୋରାଇ ସ୍ୱାମୀଙ୍କର୍ ସହେତେ ତେଲେଙ୍ଗାନାର୍ ପର୍ଯ୍ୟଟନ ମନ୍ତ୍ରୀ ଜୁପଲି କ୍ରିଷ୍ଣା ରାଓ ଆର୍ କେନ୍ଦ୍ର ପର୍ଯ୍ୟଟନ୍ ମନ୍ତ୍ରଣାଳୟର୍ ମହାନିର୍ଦ୍ଦେଶିକା ମୁଗ୍ଧା ସିହ୍ନା ଭିଲ୍ ଉପସ୍ଥିତ୍ ଥିଲେ ।

ମୋ ବସ୍ ଆର୍‌ଏନ୍‌ୟୁ/ସମ୍ବଲପୁର

ରାଜ୍ୟର୍ ସହର୍ ଭିତ୍‌ରେ ଚାଲୁଥିବା ମୋ ବସ୍ ୪୦ କିଲୋମିଟର୍ ନୁ ଅଏତ୍‌କା ସ୍ପିଡ଼୍‌ଥି ନାଇଁ ଚାଲେ ଆଉ ବାହାର୍‌କେ ଯାଉଥିବାର୍ ବସ୍‌ର ସ୍ପିଡ଼୍ ୫୦ କିଲୋମିଟର୍ ରହେବା ବଲି

ନଗର୍ ଉନ୍ନୟନ୍ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର କହିଛନ୍ । ଇ ନିର୍ଦ୍ଦେଶ୍‌କେ ଜଲ୍‌ଦି ଲାଗୁ କର୍‌ବାର୍ ଲାଗି କୁହାଯାଇଛେ । ଗଣମାଧମ୍‌କେ ସେ କହିଛନ୍ ଯେ, ଏତ୍‌କେ ନିୟମିତ ବ୍ୟବଧାନ୍‌ଥି ବସ୍ ମାନ୍‌କର୍ ଯାଂଚ୍ ଆଉ ଡ୍ରାଇଭର୍ ମାନ୍‌କର୍ ଲାଇସେନ୍ସ ଚେକିଂ କରାଯିବା । ଯେନ୍‌ମାନେ ଲାଇସେନ୍ସ ଆନିଥିବେ ସେମାନେ ଗାଡ଼ି ଚଲାବାର୍‌କେ ଅନୁମତି ପାଏବେ । ସେନ୍ତା ବସ୍ ମାନ୍‌କର୍ ସ୍ପିଡ୍ ମାପ୍‌ବାର୍ ଲାଗି ସ୍ୱତନ୍ତ୍ର ଯନ୍ତ୍ର ଲାଗ୍‌ବା ବଲି ମନ୍ତ୍ରୀ ଶ୍ରୀ ମହାପାତ୍ର କହିଛନ୍ ।

## ଓଡ଼ିଶା ସିଭିଲ୍ ସର୍ଭିସ୍- ପ୍ରିଲିମିନାରୀ ପରୀକ୍ଷା

ଆର୍‌ଏନ୍‌ୟୁ/ ସମ୍ବଲପୁର

ଓଡ଼ିଶା ସିଭିଲ୍ ସର୍ଭିସ୍- ପ୍ରିଲିମିନାରୀ ପରୀକ୍ଷା ଆଏବା ଡିସେମ୍ବର୍ ୧୫ ତାରିଖ୍ ଦିନ ହେବା । ଇ ବାବ୍‌ଦେ ଓଡ଼ିଶା ଲୋକ୍‌ସେବା ଆୟୋଗ୍ - ଓପିଏସ୍‌ସି ତର୍‌ଫୁ ଆଏଜ୍ ବିଜ୍ଞପ୍ତି ବାହାରିଛେ । ପରୀକ୍ଷାର୍ ପୁରା କାର୍ଯ୍ୟସୂଚୀ ଆଏବା ଦିନେ ଆୟୋଗର୍ ୱେବ୍‌ସାଇଟ୍‌ଥି ବାହାର୍‌ବା ବଲି କୁହାଯାଇଛେ ।

## ଆନ୍ତର୍ଜାତୀୟ ଶ୍ରୀଅନ୍ନ, ବିସ୍ମୃତ ଖାଦ୍ୟ ସମ୍ମିଲନୀ

ଆର୍‌ଏନ୍‌ୟୁ / ସମ୍ବଲପୁର

କୃଷି ଆଉ କୃଷକ୍ ସଶକ୍ତିକରଣ୍ ବିଭାଗ୍ ତର୍‌ଫୁ ଭୁବ୍‌ନେଶ୍ୱର୍ ଲୋକ୍‌ସେବା ଭବନ୍ ନ ଆଏବା ୧୦ ଆଉ ୧୧ ତାରିଖ୍ ଦୁଇ ଦିନ୍ ଆନ୍ତର୍ଜାତୀୟ ଶ୍ରୀଅନ୍ନ ଆଉ ପାରମ୍ପାରିକ ହଜି ଯାଉଥିବା ଖାଦ୍ୟ ସମ୍ମିଲନୀ ଆୟୋଜନ୍ କରାଯିବା ବଲି ଉପମୁଖ୍ୟମନ୍ତ୍ରୀ ଆଉ କୃଷିମନ୍ତ୍ରୀ କନକ୍ ବର୍ଦ୍ଧନ୍ ସିଂହଦେଓ କହିଛନ୍ । ଭୁବ୍‌ନେଶ୍ୱର୍ ଠାନେ ଗୁଟେ ସାମ୍ବାଦିକ୍ ସମ୍ମିଲନୀଥି ସେ କହିଛନ୍ ଯେ, ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଇ କାର୍ଯ୍ୟକ୍ରମ୍‌କେ ଉଦ୍‌ଘାଟନ୍ କର୍‌ବେ । ଇଥି ଓଡ଼ିଶାର୍ ଶ୍ରୀଅନ୍ନ ଆଉ ଐତିହ୍ୟ ଶୀର୍ଷକ୍ ବିଷେ ଉପ୍‌ରେ ଆଲୋଚନା କରାଯିବାର୍ ସହେତେ ଖାଦ୍ୟ ନିରାପତା ଆଉ ଚିରନ୍ତନ୍ କୃଷି ପଦ୍ଧତି ଆଉ ହଜିଯାଉଥିବା ଖାଦ୍ୟର୍ ଗୁରୁତ୍ୱପୂର୍ଣ୍ଣ ଭୂମିକାକେ ତହଁକାଯିବା । ଇ ସମ୍ମିଲନୀଥି ଶ୍ରୀଅନ୍ନ ଆଉ ଲୋପ୍ ପାଇଯାଉଥିବା ଫସଲ୍, ଇତାର୍ ପ୍ରକ୍ରିୟାକରଣ୍ ଆଉ ପ୍ରୋତ୍ସାହନ୍ ଆଧାରିତ୍ ଭିନ୍ ଭିନ୍ ବିଷୟବସ୍ତୁକେ ନେଇକରି ୧୧ ଟା ଅଧିବେଶନ୍ ହେବା ବଲି ସେ କହିଛନ୍ ।

ଜଳ ଉତ୍ସବ୍ ବଲାଙ୍ଗିର୍ ସମ୍ବାଦଦାତା

ବଲାଙ୍ଗିର୍ ମ୍ୟୁନିସିପାଲ୍‌ଟି ତର୍‌ଫୁ ସହରର୍ ମହାରାଣୀ ସାଗର୍ ନ ଜଳ ଉତ୍ସବ୍ ପାଲନ୍ କରାଯାଇଛେ । ପୌରାଧ୍ୟକ୍ଷା ଲିକା

ସାହୁ ଇ ଉତ୍ସବ୍‌କେ ଉଦ୍‌ଘାଟନ୍ କରିଥିଲେ । ଇ ଉତ୍ସବ୍ ୧୫ ଦିନ୍ ତକ୍ ଚାଲ୍‌ବା । ଇନ ଜନେଇ ଦିଆଯାଇପାରେ ଯେ, ବଲାଙ୍ଗିର୍ ମ୍ୟୁନିସିପାଲଟି ତର୍‌ଫୁ ନାଲାର ଦୂଷିତ ପାଣିକେ ନେଇକରି ଗାର୍ଡେ଼ନ୍‌ଥି ପାଣି ମଡ଼ାବାର୍ ବାଗିର୍ କାମ୍ କରିଥିବାର୍ ବେଲେ ଭିନ୍ ଭିନ୍ ଜାଗା ନ ଜଳ ସଂରକ୍ଷଣ୍ ଆଉ ପଙ୍କଉଦ୍ଧାର୍ କରିଥିବାର୍‌ନୁ ବଲାଙ୍ଗିର୍ ପୌର ପରିଷଦ୍ ସର୍ବଭାରତୀୟ ସ୍ତର୍‌ଥି ପୁରସ୍କୃତ ହେଇଥିଲା ।

ଉତରାଂଚଳ ରାଜସ୍ୱ କମିଶନର      ବର୍‌ଗଡ଼୍ ସମ୍ବାଦଦାତା

ଉତରାଂଚଳ ରାଜସ୍ୱ କମିଶନର୍ ସଚିନ ରାମଚନ୍ଦ୍ର ଯାଦବ ବର୍‌ଗଡ଼୍ ଜିଲ୍ଲାପାଲ୍‌ଙ୍କର୍ କାର୍ଯ୍ୟାଳୟ ନ ଜିଲ୍ଲାସ୍ତରୀୟ ଅଧିକାରୀ ଆଉ ଭିନ୍ ଭିନ୍ ବିଭାଗ୍‌ର କାମ୍‌ର ତଦାରଖ୍ କରିଛନ୍ । ଇ ଅବ୍‌ସରେ ଖରିଫ୍ ଧାନ୍ ଘିନା ଲାଗି ହେଇଥିବା ବୈଠକ୍‌ଥି ଯୋଗ୍ ଦେଇକରି ଭିନ୍ ଭିନ୍ ବିଭାଗ୍‌ର ଅଧିକାରୀମାନ୍‌କର୍ ସାଙ୍ଗେ ଆଲୋଚନା କରିକରି ସବୁ ନଥିପତ୍ର ମାନ୍‌କର୍ ସଠିକ୍ ରକ୍ଷଣାବେକ୍ଷଣ୍ କର୍‌ବାର୍‌କେ ନିର୍ଦ୍ଦେଶ୍ ଦେଇଥିଲେ ।

ବିଜେପିର ସଂଗଠନ ପର୍ବ -କର୍ମଶାଳା      ବୌଦ୍ଧ

ସମ୍ବାଦଦାତା

ବୌଦ୍ଧ ଟାଉନ୍‌ହଲ୍ ଠାନେ ବିଜେପିର ସଂଗଠନ ପର୍ବ ବାବ୍‌ଦେ ବୌଦ୍ଧ ଜିଲ୍ଲାସ୍ତରୀୟ କର୍ମଶାଳା ଆଏଜ୍ ହେଇଯାଇଛେ । ବିଜେପି ଜିଲ୍ଲା ସଭାପତି ବିପ୍ରଚରଣ୍ ମହାନ୍ତିଙ୍କର୍ ସଭାପତିତ୍ୱେ ହେଇଥିବା ଇ କର୍ମଶାଳାଥି ଜିଲ୍ଲାର୍ ସବୁ ବୁଥ୍ ନ ୧୨ ଝନିଆ ସଦସ୍ୟ / ସଦସ୍ୟା ନିର୍ବାଚନ୍ ନେଇକରି ମାର୍ଗଦର୍ଶନ୍ କରାଯାଇଛେ । ଇଥି ରାଜ୍ୟ ବିଜେପି ତର୍‌ଫୁ ବିଧାୟକ୍ ଇରାସିସ୍ ଆଚାର୍ଯ୍ୟ, କଂଟାମାଲ୍ ବିଧାୟକ୍ କହ୍ନେଇ ଚରଣ୍ ଡାଙ୍ଗ୍, ବୌଦ୍ଧ ବିଧାୟକ୍ ସରୋଜ୍ କୁମାର୍ ପ୍ରଧାନ୍ ଯୋଗ୍ ଦେଇକରି ସବୁ ବୁଥ୍ କମିଟିର ନିର୍ବାଚନ୍ କର୍‌ବାର୍ ସହେତେ ଅଏତ୍‌କା ସଭ୍ୟ ସଂଗ୍ରହ ଉପ୍‌ରେ ମାର୍ଗଦର୍ଶନ୍ କରିଥିଲେ ।

ସୋନ୍‌ପୁର୍ -ବୌଦ୍ଧ ରେଲ୍‌ଷ୍ଟେସନ୍ ବୌଦ୍ଧ ସମ୍ବାଦଦାତା

ସୋନ୍‌ପୁର୍ -ବୌଦ୍ଧ ରେଲ୍‌ଷ୍ଟେସନ୍ ଭିତ୍‌ରେ ନୂଆଁକରି ତିୟାର୍ ହେଇଥିବା ରେଲ୍‌ଲାଇନ୍‌ଥି ଆଏଜ୍ ସ୍ପିଡ୍ ଟ୍ରାଏଲ୍ ରନ୍ କରାଯାଇଛେ । ଇତାର୍‌ସହେତେ ରେଲ୍‌ଲାଇନ୍ କାମର୍ ଯାଂଚ୍ କରାଯାଇଥିଲା । ଗଲାକାଏଲ୍ କମିଶନ୍ ଅଫ୍ ରେଲ୍ ସେଫ୍ଟି ଟ୍ରେନ୍ ସୋନ୍‌ପୁର୍ ନୁ ବାହାରିକରି ବୌଦ୍ଧ ଷ୍ଟେସନ୍‌ତକ୍ ପୁହୁଁଚିଥିଲା । ସେନ୍ତା ଆଏଜ୍ ସିଆର୍‌ଏସ୍ ଟ୍ରେନ୍ ବୌଦ୍ଧ-ସୋନ୍‌ପୁର୍ ଭିତ୍‌ରେ ଚଲାଚଲ୍ କରିଥିଲା ।

କାର୍ଯ୍ୟକ୍ରମ୍‌ଥି ଦକ୍ଷିଣ ପୂର୍ବାଂଚଲ୍ ସର୍କଲ୍ ରେଲ୍ ସୁରକ୍ଷା, ସମ୍ବଲ୍‌ପୁର୍ ଡିଆର୍‌ଏମ୍ ମୁଖ୍ୟ ସୁରକ୍ଷା ଅଧିକାରୀ ପ୍ରମୁଖ ଉପସ୍ଥିତ୍ ରହିକରି କାମ୍‌ର ତଦାରଖ୍ କରିଥିଲେ ।

ହାତୀ ମୃତ୍ୟୁ ସମ୍ବଲ୍‌ପୁର୍ ସମ୍ବାଦଦାତା

ସମ୍ବଲ୍‌ପୁର୍ ସଦର୍ ରେଞ୍ଜ୍ ବସିଆପଡ଼ା ସେକ୍ସନ୍ କୁମେରବିଟ୍ ଅଧୀନ୍‌ଥି ଥିବା ପିପଲ୍‌ଖୁଲିଆ ପାଖେ ଗୁଟେ ଛୋଟ୍ ଦନ୍ତାହାତୀର ମଲାଦିହି ଉଦ୍ଧାର୍ କରାଯାଇଛେ । ହାତୀଟା ୨/୩ ଦିନ୍ ତଲୁ ମରିଥିବାର୍ ସନ୍ଦେହ କରାଯାଉଛେ । ହେଲେ ମୃତ୍ୟୁର୍ କାରଣ୍ ଏଛେନ୍‌ତକ୍ ଜନା ନାଇଁପଡ଼ି । ଜଙ୍ଗଲ୍ ବିଭାଗ୍‌ର କର୍ମଚାରୀମାନେ ଘଟ୍‌ନାଜାଗାକେ ଯାଇକରି ଥିତିର୍ ଅନୁଧ୍ୟାନ୍ କରୁଛନ୍ ।

ସମ୍ବଲ୍‌ପୁର୍- ଧାନ୍ ଘିନା ସମ୍ବଲ୍‌ପୁର୍ ସମ୍ବାଦଦାତା

ସମ୍ବଲ୍‌ପୁର୍ ଜିଲ୍ଲା ପ୍ରଶାସନ୍ ତର୍‌ଫୁ ଆଏବା ୨୨ ତାରିଖ୍ ଦିନ ସମ୍ବଲ୍‌ପୁର୍ ଜିଲ୍ଲା ନ ଧାନ୍ ଘିନା ମୁଲ୍ ହେବା । ଇଥିର୍‌ଲାଗି ୫୯ ହଜାର୍ ୮ ଶହ ୫୫ ଝନ୍ ଚାଷୀ ରେଜିଷ୍ଟ୍ରେସନ୍ କରିଛନ୍ । ଶହେ ୨୯ ଟା ମଣ୍ଡି ନ ଇ ବଛର୍ ଚାଷୀମାନ୍‌କର୍‌ନୁ ଧାନ୍ ଘିନାଯିବା ବଲି ଜିଲ୍ଲାପାଲ୍

ସିଦ୍ଧେଶ୍ୱର୍ ବଳିରାମ୍ ବୋନ୍ଦର୍ କହିଛନ୍ । ସେ କହିଛନ୍ ଯେ, ମଣ୍ଡି ନ ଧାନ୍‌ର ଏଫଏକ୍ୟୁ ମାନ ନିର୍ଣ୍ଣୟ କରାଯିବା । ଟୋକନ୍ ମାନ୍‌କର୍ ଲାଗି କେନ୍‌ସି ଅସୁବିଧା ନାଇଁ ହୁଏ । ଚାଷୀମାନେ କେନ୍ ତାରିଖ୍‌ଥି ଧାନ୍ ବିକ୍‌ବେ ସେଟା ମେସେଜ୍ ଜରିଆଥି ସେମାନ୍‌କୁ ଜନେଇ ଦିଆଯିବା ବଲି ଜିଲ୍ଲାପାଲ୍ ଶ୍ରୀ ବୋନ୍ଦର୍ କହିଛନ୍ ।